# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*******

**No.RDM-LAB-GM-0002-2020 - 10675 /R&DM Dated. 26 MAR 2021**

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୂଚନା**

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ / ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୁଲ୍ୟ ଏବଂ ସ୍ୱଛତା ଅଧିକାର ଆଇନ -୨୦୧୩ ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀ ଙ୍କ ନାମ :- ନିର୍ବାହୀ ଯନ୍ତ୍ରୀ(ରାସ୍ତା ଓ କୋଠାବାଡି) ବିଭାଗ ନଂ-୧ , ବ୍ରହ୍ମପୁର, ଗଞ୍ଜାମ ।

୨. ପ୍ରସ୍ତାବିତ ଭୂମି ଅଧିଗ୍ରହଣ ର ଉଦ୍ଦେଶ୍ୟ-ରତ୍ନପୁର ଠାରୁ ହଳଦିଆପଦର ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ ନିମନ୍ତେ ।

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା :- **Arun Institute of Rural Affairs(AIRA), Bhubaneswar.**

SIA ସର୍ବେକ୍ଷଣ ଅନୁଷ୍ଠାନ :- Nabakrushna Choudhury Centre for Development Studies , Bhubaneswar ,Phone No. 0674-2300471, 2301094 .

୪. ପ୍ରକଳ୍ପ ପାଇଁ ଗଞ୍ଜାମ ଜିଲ୍ଲାରେ ପ୍ରସ୍ତାବିତ ଭୁ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକ ନଂ | ଗ୍ରାମ | ଗ୍ରାମପଞ୍ଚାୟତ | ତହସିଲ | ଅଧିଗ୍ରହଣ ପାଇଁ ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|---|
| ୧ | ମହୁଡା | ମହୁଡା | କୁକୁଡାଖଣ୍ଡି | ଏକର.୨୯.୧୬୯ | |
| ୨ | ମନହରା | ମନହରା | କୁକୁଡାଖଣ୍ଡି | ଏକର.୬.୧୭୩ | |
| ୩ | ରତ୍ନପୁର | ରତ୍ନପୁର | କୁକୁଡାଖଣ୍ଡି | ଏକର.୨.୫୬୫ | |
| ୪ | ଆଙ୍କୁଶପୁର | ଆଙ୍କୁଶପୁର | କୁକୁଡାଖଣ୍ଡି | ଏକର.୧୯.୪୮୪ | |
| ୫ | ଗୁଣ୍ଠବନ୍ଧ | ଗୁଣ୍ଠବନ୍ଧ | କୁକୁଡାଖଣ୍ଡି | ଏକର.୨୬.୧୬୦ | |
| ୬ | ଦକ୍ଷିଣପୁର | ଦକ୍ଷିଣପୁର | କୁକୁଡାଖଣ୍ଡି | ଏକର.୧୬.୪୯୫ | |
| ୭ | ଚନ୍ଦନିଆ ପାହାଡ | ଚନ୍ଦନିଆ ପାହାଡ | କୁକୁଡାଖଣ୍ଡି | ଏକର.୪.୯୨୭ | |
| ୮ | ଲଙ୍ଗଳଦେଇ | ଲଙ୍ଗଳଦେଇ | କୁକୁଡାଖଣ୍ଡି | ଏକର.୧୪.୮୭୦ | |
| ୯ | ମାଟିଆପଲ୍ଲୀ | ମାଟିଆପଲ୍ଲୀ | କୁକୁଡାଖଣ୍ଡି | ଏକର.୧୦.୩୭୮ | |
| ୧୦ | କୁସୁମୀ | କୁସୁମୀ | କୁକୁଡାଖଣ୍ଡି | ଏକର.୪.୯୫୯ | |
| ୧୧ | ମଦନମୋହନପୁର | ମଦନମୋହନପୁର | କୁକୁଡାଖଣ୍ଡି | ଏକର.୧୩.୭୯୫ | |

Scanned by CamScanner

| | | | | | |
|---|---|---|---|---|---|
| ୧୨ | କୁମାରପୁର | କୁମାରପୁର | କୁକୁଡାଖଣ୍ଡି | ଏକର.୧୮.୩୩୦ | |
| ୧୩ | ଗୋବିନ୍ଦପୁର | ଗୋବିନ୍ଦପୁର | କନିସି | ଏକର.୯.୮୨୮ | |
| | | | ମୋଟ ଏକର. | ୧୭୭.୧୩୩ | |

ଏଥି ସହିତ ଭୁମି ଅନୁସୂଚି ସଲଂଗ୍ନ କରାଯାଇଛି ।

୫. ପ୍ରସ୍ତାବିତ ପ୍ରକଳ୍ପ ର ସଂକ୍ଷିପ୍ତ ବିବରଣୀ :- **ରତ୍ନପୁର ଠାରୁ ହଳଦିଆପଦର ପର୍ଯ୍ୟନ୍ତ ରିଙ୍ଗ ରୋଡ** ନିର୍ମାଣ କରାଯିବ । ଉକ୍ତ ପ୍ରକଳ୍ପଟି ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ଓ କନିସି ତହସିଲ ଅନ୍ତର୍ଭୁକ୍ତ ୧୩ (ତେର)ଟି ରାଜସ୍ୱ ଗ୍ରାମ ଯଥା- ମହୁଡା, ମନହରା, ରତ୍ନପୁର, ଆଙ୍କୁଶପୁର, ଗୁଣ୍ଡବନ୍ଧ, ଦକ୍ଷିଣପୁର, ଚନ୍ଦନିଆ ପାହାଡ, ଲଙ୍ଗଳଦେଇ, ମାଟିଆପଲ୍ଲୀ, କୁସୁମୀ, ମଦନମୋହନପୁର, କୁମାରପୁର ଓ ଗୋବିନ୍ଦପୁର ର ମଧ ଦେଇ ଯିବ ।

୬. SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଂଚଳ :- ଗଞ୍ଜାମ ଜିଲ୍ଲାରେ ଉକ୍ତ ୧୩ଟି ରାଜସ୍ୱ ଗ୍ରାମର ମୋଟ **୧୭୭.୧୩୩ ଏକର** ଘରୋଇ ଜମି **ରତ୍ନପୁର ଠାରୁ ହଳଦିଆପଦର ପର୍ଯ୍ୟନ୍ତ ରିଙ୍ଗ ରୋଡ** ନିର୍ମାଣ ପ୍ରକଳ୍ପ ପାଇଁ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳି ପାରିବ ।

୭. SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :- ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତ / ଗ୍ରାମ / ୱାର୍ଡ ର ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟ ରେ ସ୍ଥାନିତ ହେବ । ଭୂମି ଅଧିଗ୍ରହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭା ମାନଙ୍କରେ ଜନଶୁଣାଣି କରାଯିବ ।

୮. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?

**ସହମତି ଆବଶ୍ୟକ ।**

୯. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ । SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ /ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକ ମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବ ସାଇଟ ରେ ସୁଚିତ ହେବ ।

ରାଜ୍ୟପାଳଙ୍କ ଆଦେଶାନୁସାରେ

ଅତିରିକ୍ତ ଶାସନ ସଚିବ

**କ୍ରମଶଃ......**

Scanned by CamScanner

Memo No. 10676 /R&DM Dated 26 MAR 2021

Copy forwarded to the Director, Printing Stationary, Odisha, Cuttack for information and necessary action. He is requested to publish the SIA Notification within 15 (fifteen) days without fail in the next issue of the Odisha Gazette as this is a statutory one. SRO Number may be allotted to this publication.

23/03/2021

Deputy Secretary to Government

Memo No. 10677 /R&DM Dated 26 MAR 2021

Copy forwarded to Works Department for information and necessary action.

23/03/2021

Deputy Secretary to Government

Memo No. 10678 /R&DM Dated 26 MAR 2021

Copy forwarded to RDC(S.D), Berhampur /Collector, Ganjam / Land Acquisition Officer, Ganjam / Executive Engineer(R&B) Division No-1, Berhampur, Ganjam for information and necessary action.

23/03/2021

Deputy Secretary to Government

Memo No. 10679 /R&DM Dated 26 MAR 2021

Copy forwarded to State, Coordinator, Nabakrushna Choudhury Centre for Development Studies, Bhubaneswar-751013 for information and necessary action.

23/03/2021

Deputy Secretary to Government

Memo No. 10680 /R&DM Dated 26 MAR 2021

Copy forwarded to the e-Governance Cell of this Department with a request to upload the SIA Notification in this Department website for information of General Public.

23/03/2021

Deputy Secretary to Government

Scanned by CamScanner